ଶନିବାର, ୧ମାର୍ଚ୍ଚ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ବୋହୂ ଜୁସ୍ ଦୋକାନରେ ଠିଆ ହୋଇ ପଚାରିଲା– ଶାଶୂ ମା, କେଉଁ ଜୁସ୍ ପିଇବ ? ଶାଶୂ କହିଲେ– ମୋ ପାଇଁ ମିକ୍ସ ନେଇ ଆ।
ବୋହୂ– ଜୁସ୍ ପିଇସାରି ଜୁସ୍ ଦୋକାନରେ ଥିବା ମିକ୍ସର ମେଶିନ ଧରି ଦୌଡ଼ିଲା। ଶାଶୂ –ଆରେ ଏ ମିକ୍ସର ମେଶିନ୍ କ'ଣ ଆଣିଛୁ ?
ବୋହୂ:ଆପଣ ତ କହିଲେ ମିକ୍ସର ନେଇଆ, ସେଥିପାଇଁ ମୁଁ ୟାକୁ ଧରି ଦୌଡ଼ିଛି। ଏହା ଶୁଣି ଶାଶୂ ବେହୋସ।

ଜଣେ ବ୍ୟକ୍ତି ସେଲୁନ୍‌କୁ ଗଲେ ଚୁଟି କାଟିବାକୁ । ସେଠାରେ ଚୁଟି କାଟିସାରିଲା ପରେ ଦୋକାନୀକୁ ପଚାରିଲେ ଭାଇ କେତେ ଟଙ୍କା ହେଲା ?
ଦୋକାନୀ: ୮୦ଟଙ୍କା
ବ୍ୟକ୍ତି: ୧୦୦ଟଙ୍କା ନିଅ
ଦୋକାନୀ: ମୋ ପାଖରେ ଚେଞ୍ଜ ଟଙ୍କା ନାହିଁ, ଯଦି କହିବ ତେବେ ଆଉ ଟିକେ ଟିକେ ଚୁଟି କାଟି ଦେବି।

ଗୋଟେ ଗାଁରେ ପ୍ରବଚନ ହେଉଥିଲା। ପ୍ରବଚକ କହିଲେ–ମୃତ୍ୟୁ ଅଟଳ ସତ୍ୟ। ଏହି ଗାଁର ପ୍ରତ୍ୟେକ ବ୍ୟକ୍ତି ଦିନେ ନା ଦିନେ ମୃତ୍ୟୁବରଣ କରିବେ । ଏ କଥା ଶୁଣି ଗାଁର ସମସ୍ତ ବ୍ୟକ୍ତି କାନ୍ଦିବାକୁ ଲାଗିଲେ। ସେମାନଙ୍କ ମଧ୍ୟରେ ରାଜୁ ହସିବାକୁ ଲାଗିଲା। ପ୍ରବଚକ ଏହା ଦେଖି ରାଜୁକୁ ପଚାରିଲେ ତୁମେ କାହିଁକି ହସିଲ ?
ରାଜୁ: ଆଜ୍ଞା , ମୁଁ ଏ ଗାଁର ନୁହେଁ ।

# ସାଇକେଲ

## ଗପ



ଦାଣ୍ଡରେ ଥୁଆ ହେଇଥିବା ନୂଆ ସାଇକେଲ ଦେଖି କୁନାର ଗୋଡ଼ ଖୁସିରେ ତଳେ ଲାଗୁ ନଥିଲା। ସ୍କୁଲରୁ ଫେରି ଯେମିତି ସାଇକେଲ ଦେଖିଚି ବହି ବସ୍ତାନି ଫୋପାଡି ଆଗ ସାଇକେଲକୁ ଘଡ଼ିଏ ଛୁଇଁ ଦେଖିଲା। ତା ବେଲ୍ ବଜେଇ ଟ୍ରିଂ ଟ୍ରିଂ କଲା। ଏତିକିବେଳେ ବୋଉ ଆସି କହିଲେ କାଲି ପୂଜା ସରୁ ତାପରେ ଚଲେଇବୁ। ବୋଉ କଥା ମାନି ସେ ଘର ଭିତରକୁ ଚାଲି ଗଲା।

କୁନା ପଞ୍ଚମ ଶ୍ରେଣୀରେ ପଢ଼େ। ଟିକେ ଚଗଲା ମନ। ଆଉ ଦୁଇ ମାସ ଗଲେ ସେ ଷଷ୍ଠ ଶ୍ରେଣୀକୁ ଯିବ। ଗାଆଁ ଠାରୁ ତିନି କିମି ଦୂର ସ୍କୁଲ। କେବେ ଠାରୁ ବାପାଙ୍କୁ ସାଇକେଲ ପାଇଁ କହିଥିଲା। ଆଜି ବାପା ତା ଇଚ୍ଛା ପୂରଣ କରିଛନ୍ତି। ସାଙ୍ଗ ସାଥୀଙ୍କୁ ମାଗି ସେ ସାଇକେଲ ଚଲେଇବା ଶିଖି ଯାଇଛି। ଖୁବ୍ ସ୍ପିଡରେ ସାଇକେଲ ଚଲେଇ ପାରେ। ଏଥିପାଇଁ ସେ ଅନ୍ୟମାନଙ୍କ ଠାରୁ ଅନେକ ଥର ଗାଳି ଶୁଣିଛି। ଆଜି ଆଉ କେହି ତାକୁ ଗାଳି କରି ପାରିବେ ନାହିଁ। ନିଜ ସାଇକେଲର ମାଲିକ ସେ। ଏଥର ସେ ନିଜ ଇଚ୍ଛା ଅନୁସାରେ ଖୁବ୍ ଜୋର୍‌ରେ ଚଲେଇବ।

ସାଙ୍ଗ ମାନଙ୍କ ସାଇକେଲ ଚଲେଇବା ବେଳେ ଖୁବ୍ ସତର୍କତାର ସହ ଚଲେଇବାକୁ ପଡେ। କାଳେ କାହା ସାଇକେଲ ପଡ଼ିଯିବ। କିଏ ଗାଳି ଦେବ। ଆଜି କିନ୍ତୁ ଆଉ କାହା ପାଇଁ ତା'ର ଡର ନାହିଁ। ଯୋଉ ପିଲାଙ୍କର ନିଜର ସାଇକେଲ ଖଣ୍ଡେ ଅଛି ମାନେ ତାହା ତାଙ୍କ ପାଇଁ ଉଡାଜାହାଜ ସହ ସମାନ। ରାତିରେ କୁନା ଆଉ ଥରେ ସାଇକେଲଟିକୁ ଛୁଇଁ ଗେଲ କରି ଶୋଇବାକୁ ଚାଲିଗଲା। ସକାଳ ହୋଇ ଯାଇଥିଲା। ଜଲ୍‌ଦି ଗାଧୁଆପାଧୁଆ ସାରି ବାପାଙ୍କ ସହ କୁନା ଯାଇ ଗାଁ ଠାକୁରାଣୀଙ୍କ ମନ୍ଦିରରେ ସାଇକେଲ ପୂଜା କରି ଆସିଲା। କୁନା ବାପାଙ୍କୁ କହିଲା,"ବାପା ମୁଁ ଟିକେ ସାଇକେଲ ଚଲେଇବି"। ତମେ ଘରକୁ ଚାଲି ଯାଅ। ବାପା ଚାଲି ଚାଲି ଘରକୁ ଫେରିଲେ। ଗଲାବେଳେ କହିଲେ ଟିକେ ସାବଧାନରେ ଚଲେଇବୁ। ଆସ୍ତେ ଆସିବୁ। ବାପାଙ୍କ କଥା ଶୁଣି ସେ ମୁଣ୍ଡ ଟୁଙ୍ଗାରିଲା।

ସାଇକେଲ ନେଇ ସେ ଗାଁ ପଡ଼ିଆରେ ଦଶ ରାଉଣ୍ଡ ମାରିଲା। ତାପରେ ହାତ ଛାଡ଼ି ଘଡ଼ିଏ ଚଲେଇଲା। ଏତିକିବେଳେ କୁନାର ସାଙ୍ଗ ବାବୁନା ଦେଖା ହେଲା। ସେ କହିଲା ଚାଲ୍ ତୋର ମୋର କମ୍ପିଟିସନ୍ କରିବା।

ବାବୁନା ସହ କୁନାର ସାଇକେଲ କମ୍ପିଟିସନ୍ ଆରମ୍ଭ ହେଲା। ଦୁହେଁ ଜୋର ଜୋର କରି ପ୍ୟାଡେଲ ମାରୁଥାନ୍ତି। କେତେବେଳେ ବାବୁନା ଆଗକୁ ଚାଲି ଯାଉଥିଲା ତ କେତେବେଳେ କୁନା। ଦୁହେଁ ଏମିତି ସାଇକେଲ ଚଲେଇ ଚଲେଇ କେତେବେଳେ ଯେ ମୁଖ୍ୟ ସଡ଼କ ଆଡ଼କୁ ଚାଲି ଆସିଥିଲେ କାହାରି ନଜର ନାହିଁ। କିଏ ଜିତିବ ଏଇ ଉଦ୍ଦେଶ୍ୟରେ ସେ ଦୁହେଁ ରାସ୍ତାର ନିୟମ କିଛି ନ ମାନି ଖୁବ ଜୋରରେ ସାଇକେଲ ଚଲାଉଥାନ୍ତି ।। ଏତିକି ବେଳେ ସାମ୍ନା ପଟରୁ ଦ୍ରୁତ ଗତିରେ ଆସୁଥିବା ଗୋଟେ ଟ୍ରକ୍ ଦେହରେ ପିଟି ହେଇଗଲା କୁନାର ସାଇକେଲଟି। ଟ୍ରକରେ ଧକ୍କା ହୋଇ କୁନା ତଳେ ପଡି ଘୋଷାଡି ହେଇଗଲା। ଯନ୍ତ୍ରଣାରେ ଜୋରରେ ଚିତ୍କାର କଲା। ପାଟି ଶୁଣି ତା' ବୋଉ ଦୌଡି ଆସିଲେ। କୁନାକୁ ଆସ୍ତେ ହଲେଇ ପଚାରିଲେ କଣ ହେଲା। ତୁ କାହିଁକି ପାଟି କରୁଥିଲୁ ? ସେ କାନ୍ଦ କାନ୍ଦ ହୋଇ କହିଲା ବୋଉ ମୋ ସାଇକେଲ ଆଉ ମୋ ଗୋଡ଼... ବୋଉ ଆଶ୍ଚର୍ଯ୍ୟ ହୋଇ କହିଲେ ତୋ ସାଇକେଲ ପରା ବାପା ପୂଜା କରିବାକୁ ନେଇଛନ୍ତି ! ଏକଥା ଶୁଣି କୁନା ଆଶ୍ଚର୍ଯ୍ୟ ହୋଇ ନିଜ ଚାରି ପାଖକୁ ଚାହିଁ ଦେଖିଲା। ସେ ଏ ପର୍ଯ୍ୟନ୍ତ ଯାହା ଦେଖୁଥିଲା ତାହା କେବଳ ସ୍ୱପ୍ନ ଥିଲା ! ସେ ବୋଉକୁ କିଛି ନ କହି ମନେ ମନେ ଭାବିଲା ଯେତେ ଯାହା ହେଲେ ବି ସେ ଆସ୍ତେ ସାଇକେଲ ଚଲେଇବ। ରାସ୍ତାର ନିୟମ ମାନିବ। ଜୋରରେ ସାଇକେଲ ଚଲେଇବ ନାହିଁ କି ବିପଦକୁ ଡାକି ଆଣିବ ନାହିଁ।

**– ସୁନିତା ପ୍ରଧାନ**
ମୋ: ୭୭୪୯୮୫୦୫୭୫

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଶିଶୁ ପ୍ରତିଭା

# ସ୍ୱୟଂସମ୍ପୂର୍ଣ୍ଣା ସାୟୋନ୍ତିନୀ

ପରିସ୍ଥିତି ଯେତେ ପ୍ରତିକୂଳ ହୋଇଥିଲେ ବି ଜିତିବାର ଜିଦ୍ ଦେଇଥାଏ ଭିନ୍ନ ପରିଚୟ। ଏମିତି ଜଣେ ସ୍ୱତନ୍ତ୍ର ପ୍ରତିଭା ହେଉଛନ୍ତି ସାୟୋନ୍ତିନୀ ସମାଦାର। ଜନ୍ମରୁ କଥା କହିପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ହେଲେ ଏବେ ସେ ଜଣେ ଓଡିଶୀ ନୃତ୍ୟଶିଳ୍ପୀ, ଚିତ୍ରକର। ଏହା ବ୍ୟତୀତ ଯୋଗାଭ୍ୟାସ ମଧ୍ୟ କରୁଛନ୍ତି। ଏତେ କମ୍ ବୟସରେ ତାଙ୍କ ପ୍ରତିଭା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦିବ୍ୟାଙ୍ଗ ହୋଇ ବି ପରିସ୍ଥିତି ଆଗରେ କେବେ ମୁଣ୍ଡ ନୁଆଁଇ ନାହାନ୍ତି, ବରଂ ନିଜକୁ ସ୍ୱୟଂସମ୍ପୂର୍ଣ୍ଣା କରି ଗଢି ତୋଳିଛନ୍ତି। ଜୀବନ ବାଜିରେ ଜିତିବାକୁ ଯେମିତି ପଣ କରିଛନ୍ତି।



ସାୟୋନ୍ତନୀଙ୍କ ଘର କଟକ ତୁଳସୀପୁରରେ। ବୟସ ୯ ବର୍ଷ। ବାପାଙ୍କ ନାଁ ସମୀର ସମାଦାର ମାଆଙ୍କ ନାମ ସ୍ୱରୂପା। ଉଭୟ ଆୟୁଷ ବିଭାଗର ଯୋଗ ଇନଷ୍ଟ୍ରକଟର। କଟକସ୍ଥିତ ରମାଦେବୀ ଶିଶୁବିହାର ବଧିର ବିଦ୍ୟାଳୟରେ ସାୟୋନ୍ତିନୀ ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ଛୋଟବେଳରୁ ସେ ଟିଭି ଦେଖି ଆପେ ଆପେ ନାଚୁଥିଲେ। ତାଙ୍କର ଏହି କଳାକୁ ଦେଖି ନୃତ୍ୟ ଶିକ୍ଷା ଦେବା ପାଇଁ ଚିନ୍ତା କରିଥିଲେ ଘରଲୋକେ। ହେଲେ ଦିବ୍ୟାଙ୍ଗ ହୋଇଥିବାରୁ କୌଣସି ଅନୁଷ୍ଠାରେ ତାଲିମ ନେବା ତାଙ୍କ ପାଇଁ ବହୁ କଷ୍ଟକର ହୋଇଥିଲା। ଶେଷରେ ନୃତ୍ୟଗୁରୁ ଲକି ପ୍ରଜ୍ଞା ମହାନ୍ତିଙ୍କ ପାଖରେ ସେ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ ୭ ବର୍ଷ ବୟସରୁ। ଗୁରୁଙ୍କ ତତ୍ତ୍ୱାବଧାନରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢିବା ଆରମ୍ଭ କରିଥିଲେ। ନୃତ୍ୟ କ୍ଷେତ୍ରରେ ତାଙ୍କ ପ୍ରତିଭା ଏବେ ଜାତୀୟ ସ୍ତରର ସ୍ୱୀକୃତୀ ପାଇଛି। ୨୦୨୩ରେ ଅଭିପ୍‌ସା ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ନୃତ୍ୟଶ୍ରୀ ଓ ଯୋଗକନ୍ୟା ସମ୍ମାନ। ୨୦୨୪ରେ ସେ କିଟ୍ କ୍ୟାମ୍ପସରେ କେନ୍ଦ୍ରର ଏନଡିଏଫଡିସି ପକ୍ଷରୁ ଆୟୋଜିତ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇଥିଲେ। ଏହିଠାରେ ସେ ପୁରସ୍କାର ପାଇବା ପରେ ତାଙ୍କୁ ବିଭିନ୍ନ ସ୍ଥାନରୁ ଅଫର ଆସିଥିଲା। ତାପରେ ରାୟପୁର, ରାଞ୍ଚି, ମଧ୍ୟପ୍ରଦେଶ ଓ ଗୁଜରାଟର ବରୋଦାରେ ମଧ୍ୟ ଦିବ୍ୟକଳା ଶକ୍ତି କାର୍ଯ୍ୟକ୍ରମରେ ଭାଗ ନେଇ ପୂରସ୍କୃତ ହୋଇଥିଲେ। ଜମ୍ମୁର ମୁସ୍କାନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଭାଗ ଦେଇ ସେ ପାଇଥିଲେ ପ୍ରଥମ ପୁରସ୍କାର।

ନୃତ୍ୟ ବ୍ୟତୀତ ଯୋଗ ଓ ଚିତ୍ରକଳାରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ଦକ୍ଷତା ରହିଛି। ୨୦୨୩ରେ ବାରବାଟୀ ଷ୍ଟାଡିଅମରେ ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ହୋଇଥିବା ସ୍ପୋର୍ଟସ ଫାଉଣ୍ଡେସନ୍‌ରେ ଭାଗ ନେଇ ସେ ପୁରସ୍କୃତ ହୋଇଥିଲେ। ଇଫସାର୍ ପକ୍ଷରୁ ରାଜ୍ୟସ୍ତରୀୟ ପେଣ୍ଟିଂ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ପରିସ୍ଥିତିକୁ ନେଇ ସେ କେବେ ହାର୍ ମାନିନାହାନ୍ତି ବରଂ ପରିଶ୍ରମ ଓ ନିଷ୍ଠା ବଳରେ ସେ ଆଗକୁ ଏହି କ୍ଷେତ୍ରରେ ଆହୁରି ଅଧିକ ନାଁ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**–ସସ୍ମିତା ନାୟକ**

## ମତାମତ

▸▸ 'ପାଠ ମନେରଖିବା ସୂତ୍ର' ବିଷୟଟି ପିଲାଙ୍କ ଲାଗି ନିହାତି ଶିକ୍ଷଣୀୟ ହେବ। କାରଣ ଏବେ ପରୀକ୍ଷା ସମୟ ।

**–ରୁଦ୍ରାଂଶ ମହାନ୍ତି, ରାଉରକେଲା**

▸▸ ତୁମ ତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଛି।

**–ପୀତବାସ ସ୍ୱାଇଁ, ବାଲେଶ୍ୱର**

▸▸ ଏଥର କବିତାଗୁଡିକ ମନଛୁଆଁ ହୋଇଥିଲା ।

**–ତୁଷାର ସାହୁ, ବ୍ରହ୍ମପୁର**

▸▸ ଖିଲିଖିଲି ହସ ପଢ଼ିବାକୁ ବହୁତ ମଜା ଲାଗୁଛି।

**–ଆଲୋକ ବେହେରା, ଖୋର୍ଦ୍ଧା**

## ରଙ୍ଗ ଦିଅ









ଏବେ ପରୀକ୍ଷା ସମୟ। କେତେକଙ୍କର ପରୀକ୍ଷା ଆରମ୍ଭ ହୋଇ ସାରିଛି ତ ଆଉ କେତେକଙ୍କର ପରୀକ୍ଷା ମୁଣ୍ଡ ଉପରେ। ଏଭଳି ସମୟରେ ପିଲାମାନେ ଚାପରେ ରହିବା ସ୍ୱାଭାବିକ କଥା। ଏମିତି ଅବସ୍ଥାରେ ମାର୍କ କମ୍ ଆସିବା ଭୟରେ ବେଳେବେଳେ କିଛି ମନେ ପଡେନାହିଁ। ତେଣୁ ପିଲାମାନେ ଚାପମୁକ୍ତ ରହିଲେ ହିଁ ପରୀକ୍ଷା ଭୟ ରହିବ ନାହିଁ ଆଉ ସଫଳତା ମିଳିବା ସମ୍ଭାବନା ଅଧିକ...

# ରହିବନି ପରୀକ୍ଷା ଭୟ

ବର୍ଷସାରା ପରିଶ୍ରମ କରି ସବୁ ବିଷୟକୁ ଭଲଭାବରେ ପଢିଥିବେ କିନ୍ତୁ ପରୀକ୍ଷା ପାଖେଇ ଆସିଲେ ହଠାତ୍ ଯେମିତି, କିଛି ମନେ ନାହିଁ ଭଳି ଲାଗିବ। ପୁଣି ଥରେ ବାରମ୍ବାର ରିଭିଜନ୍ କରିବା ପାଇଁ ଚେଷ୍ଟା କଲେ ବି ସମ୍ଭବ ହୋଇ ପାରୁ ନ ଥିବ। ଅତ୍ୟଧିକ ଚାପରେ ରହିଲେ କିଛି ପିଲାଙ୍କ କ୍ଷେତ୍ରରେ ଏମିତି ମାଇଣ୍ଡ ବ୍ଲାଙ୍କ୍ ହୋଇଯିବା ଭଳି ଅବସ୍ଥା ଆସିଥାଏ। ତେଣୁ ସବୁ ପରିଶ୍ରମ ବେକାର ହୋଇଯାଏ। ପିଲାଙ୍କ ପାଇଁ ଏଭଳି ସ୍ଥିତି ନ ଆସୁ ସେଥିପାଇଁ ଚାପମୁକ୍ତ ରହିବା ନିହାତି ଦରକାର। ଅଭିଭାବକ ଏଥିପାଇଁ ଯେତିକି ଚିନ୍ତା କରନ୍ତି ସେହି ଅନୁପାତରେ ପିଲାମାନେ ମଧ୍ୟ ସଚେତନ ରହିବା ଦରକାର। ପିଲାଙ୍କର ଏହି ସ୍ଥିତିକୁ ଅନୁଧ୍ୟାନ କରି ଏବେ ବିଭିନ୍ନ ସ୍ତରରେ ପରୀକ୍ଷା ନିମନ୍ତେ ଚର୍ଚ୍ଚା କରାଯାଉଛି। ପରୀକ୍ଷା ସମୟରେ ମନକୁ ଶାନ୍ତ ରଖିବାକୁ ପିଲାମାନେ କେଉଁସବୁ ଦିଗକୁ ଗୁରୁତ୍ୱ ଦେବେ ସେନେଇ ବିଶେଷଜ୍ଞମାନେ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରକାର ଟିପ୍ସ ଦେଉଛନ୍ତି। ଏଭଳି ସ୍ଥିତି ଥିଲେ ଜାଣନ୍ତୁ ଏ ସମ୍ପର୍କିତ କିଛି କଥା...

## ମାନସିକ ସ୍ୱାସ୍ଥ୍ୟ

ପରୀକ୍ଷା ସମୟରେ ପିଲାଙ୍କ ଉପରେ ମାନସିକ ଚାପ ଏତେ ଅଧିକ ରହେ ଯେ, କେତେକଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଯାଏ। ତେଣୁ ମାନସିକ ଅବସ୍ଥା ଭଲ ରଖିବା ପାଇଁ ପ୍ରତିଦିନ କିଛି ସମୟ ଧ୍ୟାନ କିମ୍ବା ଯୋଗ କରନ୍ତୁ। ଏହା ବ୍ୟତୀତ କିଛି ସମୟ ବାହାରକୁ ବୁଲିବାକୁ ଯାଆନ୍ତୁ। ସାଙ୍ଗମାନଙ୍କ ସହିତ ଖେଳନ୍ତୁ, ମ୍ୟୁଜିକ୍ ଶୁଣନ୍ତୁ ଓ ନିଜ ପସନ୍ଦ ଅନୁସାରେ ପେଣ୍ଟିଂ କିମ୍ବା ଅନ୍ୟ କିଛି କରନ୍ତୁ। ଏପରି କଲେ ମନ ଭଲ ରହିବ ଓ ପାଠ ପଢିବା ପାଇଁ ଆଗ୍ରହ ଆସିବ। ତେଣୁ ଯେତିକି ସମୟ ପଢିବେ ସେସମୟରେ ସବୁ ପାଠ ମନେରହିବ।

## ସୁଷମ ଖାଦ୍ୟ

ପରୀକ୍ଷା ସମୟରେ ପିଲାମାନେ ଚିନ୍ତାରେ ଖାଇବାପିଇବା ମଧ୍ୟ ଛାଡି ଦିଅନ୍ତି। ସବୁବେଳେ ପଢିବା ଦରକାର ଭାବି ବହିପତ୍ର ଧରି ବସି ରହନ୍ତି। ହେଲେ ଏହାଦ୍ୱାରା ପାଠ ପଢିବା ପାଇଁ ମନ ସ୍ଥିର ହୁଏନି ଆଉ ସ୍ୱାସ୍ଥ୍ୟ ଖରାପ ହୁଏ। ତେଣୁ ଠିକ୍ ସମୟରେ ଘରେ ଯାହା ଦିଆଯାଏ ଖାଇବା ଆବଶ୍ୟକ। ଏହା ସହିତ ଫଳ ଓ ଡ୍ରାଏ ଫ୍ରୁଟ୍ସ, କ୍ଷୀର ମଧ୍ୟ ଖାଇବା ଦରକାର। ଫଳରେ ଶରୀରକୁ କାମ କରିବା ପାଇଁ ଶକ୍ତି ମିଳିଥାଏ।

## ଭୟ ଦୂର କରନ୍ତୁ

ପରୀକ୍ଷାରେ ଭଲ ନମ୍ବର ନ ଆସିଲେ ଘରେ ସମସ୍ତେ ରାଗିବେ। ଟିଉସନ୍ ସାର୍ ଗାଳି ଦେବେ। ସେମାନଙ୍କୁ ସାମ୍ନା କରି ହେବନି। ଏମିତି ସବୁ ଭାବନା ପାଇଁ ମନରେ ଏକପ୍ରକାରର ଭୟ ସୃଷ୍ଟି ହୁଏ। ତେଣୁ ନିଜକୁ ସାବ୍ୟସ୍ତ କରିବା ପାଇଁ ପିଲାମାନେ ଚାପରେ ରହନ୍ତି ଓ ମାନସିକଭାବେ ଦୁର୍ବଳ ହୋଇଯାନ୍ତି। ମାତ୍ର କୌଣସି କ୍ଷେତ୍ରରେ ବି ନିଜର ସାମର୍ଥ୍ୟ ଠାରୁ ଅଧିକ ଆଶା କରିବା ଠିକ୍ ନୁହେଁ। ଏକଥା ପିତାମାତାଙ୍କ ଆଗରେ ମଧ୍ୟ ପ୍ରକାଶ କରନ୍ତୁ। ଚିନ୍ତା ଓ ଭୟରେ ଆଦୌ ପାଠ ପଢିବାରେ ମନ ଲଗାଇ ପାରୁନାହାନ୍ତି ବୋଲି ସମସ୍ତଙ୍କୁ ଜଣାନ୍ତୁ। ଫଳରେ ପରୀକ୍ଷାରେ ଯଥାସମ୍ଭବ ଭଲ କରିବା ପାଇଁ ଚେଷ୍ଟା କରିବେ ଓ ସଫଳତା ନିଶ୍ଚୟ ପାଇବେ।

## କିଛି ସମୟ ଖୁସିଗପ

ମନରୁ ଭୟ ଦୂର କରିବା ପାଇଁ ଘରେ ଓ ସାଙ୍ଗମାନଙ୍କ ସହ କିଛି ସମୟ ଖୋଲାଗପ କରନ୍ତୁ। ମନ ହାଲୁକା ହୋଇଯିବ। ତା'ଛଡା ସାଙ୍ଗମାନଙ୍କ ସହିତ ନିଜ ମନକଥା ଶେୟାର କରିଦେଲେ ବହୁତ ଭଲ ଲାଗିବ। ମାନସିକଭାବେ ଫ୍ରେଶ୍ ଅନୁଭବ କରିବେ। ଏକା ଏକା ରହିବା ବଦଳରେ ସମସ୍ତଙ୍କ ସହିତ ରହିବା ଶିଖନ୍ତୁ। ଏଭଳି କଲେ ମନରେ ଏକ ସକାରାତ୍ମକ ଭାବନା ଆସିବ। ଆଉ ଏହା ସ୍ମରଣ ଶକ୍ତି ବଢାଇବାରେ ସହାୟକ ହେବ।

## ମ୍ୟୁଜିକ୍ ଥେରାପି

ପରୀକ୍ଷା ସମୟରେ ନିଜକୁ ରିଲାକ୍ସ ରଖିବା ପାଇଁ କିଛି ସମୟ ମ୍ୟୁଜିକ୍ ଶୁଣନ୍ତୁ। ଖୁବ୍ ଶୀଘ୍ର ମନକୁ ଶାନ୍ତ କରିବା ପାଇଁ ଏହା ଏକ ଥେରାପି ଭଳି କାମ ଦିଏ। ତେଣୁ ନିଜକୁ ଯେଉଁ ପ୍ରକାରର ମ୍ୟୁଜିକ୍ ଭଲଲାଗେ ତାହା ଶୁଣନ୍ତୁ। ଆଖି ବନ୍ଦ କରି ଲମ୍ବା ନିଃଶ୍ୱାସ ନେଇ ଏଭଳି ଏକ ସୁନ୍ଦର ପରିବେଶରେ କିଛି ସମୟ ରହିଲେ ଏକ ପ୍ରକାର ପଜିଟିଭ୍ ଏନର୍ଜି ମିଳିଥାଏ। କେହି ଯଦି ପରୀକ୍ଷା ସମୟରେ ନିଜ ମନସ୍ଥିତି ଦୁର୍ବଳ ହୋଇଥିବା ଅନୁଭବ କରନ୍ତି ତେବେ ଏହି ଉପାୟ ଆପଣାଇପାରିବେ।

## ଦୂରେଇ ରୁହନ୍ତୁ

କମ୍ ସମୟ ହେଉ ପଛେ ଯେତିକି ସମୟ ପାଠ ପଢୁଛନ୍ତି ସେ ସମୟରେ ପୂରା ମନଧ୍ୟାନ ଦେଇ ପଢନ୍ତୁ। କୌଣସି କଥା ଅବା ଜିନିଷରେ ଯଦି ମନ ଅଶାନ୍ତ ରହୁଛି ସେସବୁକୁ ନିଜ ପାଖରୁ ଦୂରେଇ ଦିଅନ୍ତୁ। ପୂରା ଫୋକସ୍‌ରେ ଦିନକୁ ଅଧଘଣ୍ଟା ବି ପଢିଲେ ତାହା ଅଧିକ ଫଳପ୍ରଦ ହୋଇପାରିବ।



# ତୁମ ତୂଳୀରୁ



୧



୨




୩




୭



୪



୫



୬



୮



**ସ୍ୱସ୍ତିତପା ମେକାପ**
କ୍ଲାସ୍‌-୧୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା, ପୁରୀ
୧



**ଶ୍ରୀଦିକଶା ଦେହୁରୀ**
କ୍ଲାସ୍‌-୧, ସେଣ୍ଟ ଜନ୍‌ ସ୍କୁଲ, ବୌଦ୍ଧ
୨



**ଅଂଶୁମାନ ସାହୁ**
କ୍ଲାସ୍‌- ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
୩



**ଜିଜ୍ଞାସା ରଥ**
କ୍ଲାସ୍‌- ୪, କିଟ୍‌ ପବ୍ଲିକ ସ୍କୁଲ, ଭୁବନେଶ୍ୱର
୪



**ଅଦ୍ରିଜା ପଣ୍ଡା**
କ୍ଲାସ୍‌-୧, ସାଇ ଇଣ୍ଟରନ୍ୟାଶନାଲ୍‌ ସ୍କୁଲ, ଭୁବନେଶ୍ୱର
୫



**ଶ୍ରେୟାଶୀ ସାହୁ**
କ୍ଲାସ୍‌-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର
୬



**ଅମ୍ରିତ ସାହୁ**
କ୍ଲାସ୍‌- ୪, ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ
୭



**ଜିସାନ୍ତ ପଟ୍ଟନାୟକ**
କ୍ଲାସ୍‌- ୧, ବିଜେଇଏମ୍‌ ସ୍କୁଲ-୧, ଭୁବନେଶ୍ୱର
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସ୍ଲାକ୍ ଲାଇନ୍‌ରେ ଜଗଲିଂ



ସ୍ଲାକ୍ ଲାଇନ୍‌ରେ ଚାଲିବା ଏକ ବିପଜ୍ଜନକ କାର୍ଯ୍ୟ ନିଶ୍ଚିତ। ତେଣୁ ଏଥିରେ ଚାଲିବା ପାଇଁ ଢେର୍ ଦିନରୁ ଅଭ୍ୟାସ କରିବାକୁ ହୋଇଥାଏ। ହେଲେ ଗୋଟିଏପଟେ ଏମିତି ଚାଲିବା ତା' ସହିତ ଛୁରି ଧରି ଜଗଲିଂ କରିବା କଥା କେହି ହୁଏତ କଳ୍ପନା ବି କରି ପାରିବେ ନାହିଁ। ହେଲେ ଏଭଳି ଏକ କାମକୁ ସହଜରେ କରି ପାରୁଛନ୍ତି କାଲିଫର୍ନିଆର ଏଡଗାର୍ ୟୁଡକେଭିଚ୍। ଆଶ୍ଚର୍ଯ୍ୟର କଥା ହେଉଛି ଏକ ସମୟରେ ସେ ୩ଟି ଛୁରି ଧରି ଜଗଲିଂ କରୁଛନ୍ତି। ଭୂମିରୁ ୧ ମିଟର ଉଚ୍ଚତାରେ ଥିବା ସ୍ଲାକ ଲାଇନ୍‌ରେ ସେ ଏଭଳି ଜଗଲିଂ କରି ୩୪.୪ ଫୁଟ ପର୍ଯ୍ୟନ୍ତ ଚାଲିଛନ୍ତି ସେଥିପାଇଁ ଗିନିଜ୍ ରେକର୍ଡରେ ତାଙ୍କ ନାଁ ସ୍ଥାନ ପାଇଛି। ଏଭଳିଭାବରେ ସ୍ଲାକ ଲାଇନ୍‌ରେ ସେ ସବୁଠୁ ଅଧିକ ବାଟ ଅତିକ୍ରମ କରି ପାରିଛନ୍ତି। ତେବେ ୧୨ ବର୍ଷ ହେଲାଣି ସେ ଏଭଳି ସ୍ଲାକ୍ ଲାଇନ୍‌ରେ ଚାଲିବା ସମୟରେ ଜଗଲିଂ ମଧ୍ୟ କରୁଛନ୍ତି। ତେବେ ଦୁଇଟିଯାକ କାମକୁ ଏକ ସମୟରେ ସର୍କସରେ ପ୍ରଦର୍ଶନ କରି ପୂର୍ବରୁ ପ୍ରଶଂସିତ ହୋଇଥିଲେ।

## ଏଥରର




- ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି, ଏକଥା କିଏ ପ୍ରଥମେ କହିଥିଲେ ?
- ପୃଥିବୀ ଗୋଲାକାର ବୋଲି ପ୍ରଥମେ କିଏ କହିଥିଲେ ?
- ଫାଦର ଅଫ୍ ସାଇନ୍ସ କାହାକୁ କହନ୍ତି ?
- ଶରୀରର କେଉଁ ଅଙ୍ଗଟି ଜନ୍ମରୁ ପୂର୍ଣ୍ଣ ବିକଶିତ ହୋଇଥାଏ ?
- ଗୋଟିଏ କାନରେ କେତୋଟି ହାଡ ରହିଥାଏ ?

## ଗତଥରର

ଉ ତ ର

- ତାଞ୍ଜାନିଆ
- ସ୍ୱିଡେନ୍ (୨୭୦,୦୦୦)
- ଆଫ୍ରିକା
- ଭେନିଜୁଏଲା
- ଶ୍ରୀମତୀ ଇନ୍ଦିରା ଗାନ୍ଧୀ





## କବିତା

### ଆସିଛି ବସନ୍ତ ଋତୁ

ବସନ୍ତ ଋତୁଟି ଆସିଛି ଧରାକୁ
ଫୁଲଫୁଟି ବାସିଲାଣି
ଆମ୍ବ ବଉଳର ମଧୁର ମହକ
ଚଉଦିଗ ଛୁଟିଲାଣି।
ଧୀରେଧୀରେ ଖରା ମାଡି ଆସିଲାଣି
କମିକମି ଗଲା ଶୀତ
ଗଛ ଡାଳେ ବସି କୋଇଲି ଗାଉଛି
ମିଠାମିଠା ସୁରେ ଗୀତ।
ବସନ୍ତ ଋତୁରେ ତରୁ ତୃଣ ଲତା
ନବ ଶୋଭା ଦିଶିଲେଣି
ବନ ଉପବନେ ନାନା ଫୁଲଫୁଟି
ଝୁମିଝୁମି ନାଚିଲେଣି।
ମଳୟ ପବନ ବହିଲାଣି ଆସି
ଜନ ମନ ଛୁଇଁଲାଣି
ହଳଦୀବସନ୍ତ ବଗିଚାରେ ବସି
ସଭ୍ଭମନ ମୋହିଲାଣି।
ବାଉଁଶ କୁଞ୍ଜରେ କୁମ୍ଭାଟୁଆ ବସି
ଖେଳିଲାଣି ଲୁଚକାଳି
ବାଇଚଢେଇଟି ଛୁଆଙ୍କ ସାଥିରେ
ଗଛରେ ଖେଳୁଛି ଦୋଳି।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

### ବସନ୍ତର ମଧୁ ପରଶେ

କନ୍ଥା କମ୍ବଳର ରାଜୁତି ଗଲାଣି
ଖରା ଧୀରେ ଟାଣ ହେଲାଣି,
ମଧୁର ମଳୟ ଚୁପିଚୁପି ଆସି
ବସନ୍ତ ବାରତା ଦେଲାଣି।
କୋଇଲି ନାନୀ ତ ଗାଇଲାଣି ଗୀତ
ଆମ୍ବଗଛ ଡାଳେ ବସିକି,
ମିଠାମିଠା ତା'ର ଗୀତର ସୁରରେ
କିଣୁଛି ମନକୁ ହସିକି।
ନୂଆ ପତରରେ ସଜାଇ ହୋଇକି
ଦିଶିଲାଣି ଗଛ ସୁନ୍ଦର,
ଫୁଲଙ୍କର ହାଟ ମାଟି ଅଗଣାରେ
ଲାଗାଇଦେଲାଣି ହୁନ୍ଦର।
ବଉଳରୁ ପରା ବାସ ଝରିଝରି
ଦେହକୁ ଛୁଉଁଛି ହରଷେ,
ଆକାଶୁ ମରତ କୋଳାହଳ କେତେ
ବସନ୍ତର ମଧୁ ପରଶେ।

**– ଶରତ କୁମାର ଦାସ**
ବଡବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

### ଋତୁରାଜ ବସନ୍ତ

ଋତୁରାଜ ବସନ୍ତଙ୍କ ହେଲା ଆଗମନ,
ମୃଦୁ ମଳୟ ପବନରେ ଫୁର୍ତ୍ତି ଲାଗେ ତନୁ ମନ।
ଶୀତର ପ୍ରକୋପ କମି କମି ଯାଏ,
ଖରାର ତାତି ବଢ଼ି ବଢ଼ି ଯାଏ।
ବୃକ୍ଷ ତରୁଲତା ଦେହରେ କଅଁଳ ପତ୍ର ପୂରିଉଠେ,
ଆମ୍ବ ବଉଳ ବାସ୍ନାରେ ମହକି ଉଠେ।
କୋଇଲିର କୁହୁ କୁହୁ ତାନ ମନକୁ ମୋହି ନିଏ,
ନାନା ଫୁଲ ଫୁଟି ବନ ଉପବନ ସୁନ୍ଦର ଦିଶେ।
ନଈ କୂଳମାନ ସୋରିଷର ହଳଦିଆ ରଙ୍ଗରେ
ରଙ୍ଗାୟିତ ହୁଏ,
ଲାଲ ରଙ୍ଗର ପଳାଶ ଫୁଲ ରାସ୍ତା ଘାଟରେ
ଦୃଶ୍ୟମାନ ହୁଏ।

**– ଟଙ୍କଧର ଭୋଇ**
ଜାମପଡ଼ା, ବଲାଙ୍ଗିର
ମୋ: ୮୪୫୬୦୫୩୧୯୦

## କହିଲ ଦେଖି

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ପିତା ଲକ୍ଷ୍ମୀନାରାୟଣ
ମାତା ଆଶାଲତା କୋଳରେ ଧରିକି
ଗାଉଥିଲେ ପୁତ୍ର ଗୁଣ
ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ
ଭୂମିପୁତ୍ର ଉପାଧିରେ
ସମ୍ମାନିତ ହୋଇ ଗୌରବ ଆଣିଲେ
ପରିଚିତ ଘରେ ଘରେ
ମାର୍ଚ୍ଚ ପାଞ୍ଚ, ଜନ୍ମତାରିଖ
ତାଙ୍କ ନାମଗୋଟି କହ ଅଲେଖ।



ଉତ୍ତର : **ବିଜୁ ପଟ୍ଟନାୟକ**

ବିମାନ ନାଆଁଟି ତିନି ଅକ୍ଷର
ବିଜୁ ବାବୁଙ୍କର ପ୍ରିୟ
ସେଇ ବିମାନରେ ଇଣ୍ଡୋନେସିଆ ଗଲେ
ମନରେ ନ ଥିଲା ଭୟ
ବିମାନ ନାଆଁଟି କୁହ ?



ଉତ୍ତର : **ଡାକୋଟା**

ମାର୍ଚ୍ଚ ମାସ ପାଞ୍ଚ ତାରିଖରେ
ବିଜୁ ବାବୁଙ୍କର ଜନ୍ମଦିନରେ
ପ୍ରତି ପଞ୍ଚାୟତେ ପାଳନ ହୁଏ
ଦିବସର ନାଆଁ କହିବ କିଏ ?



ଉତ୍ତର : **ପଞ୍ଚାୟତିରାଜ ଦିବସ**

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬







# ଭାରତର ସବୁଠୁ ଛୋଟ ଟ୍ରେନ୍

**ଟ୍ରେ**ନ୍ ମାଧ୍ୟମରେ ପ୍ରତିଦିନ କୋଟି କୋଟି ଲୋକ ଯାତାୟାତ କରିଥାନ୍ତି। ସୂଚନା ମୁତାବକ ପ୍ରତିଦିନ ଆମ ଦେଶରେ ପ୍ରାୟ ୧୩ ହଜାରରୁ ଅଧିକ ଟ୍ରେନ୍ ଚଳାଚଳ ହୋଇଥାଏ। ଯାହା ମାଧ୍ୟମରେ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳରେ ସହଜରେ ପହଞ୍ଚିପାରନ୍ତି। କିନ୍ତୁ ଏମିତି ଏକ ଟ୍ରେନ୍ ବିଷୟରେ ଜାଣିଛ କି ଯେଉଁଥିରେ କେବଳ ତିନୋଟି ବଗି ବା କୋଚ୍ ରହିଛି। ସିଏଚ୍‌ଟିରୁ ଏର୍ନାକୁଲମ ଜଙ୍କଶନ୍ ମଧ୍ୟରେ ଏହି ଟ୍ରେନ୍ ଚାଲିଥାଏ। ଟ୍ରେନ୍‌ଟି ୯କିଲୋମିଟର ପର୍ଯ୍ୟନ୍ତ ଯାଇଥାଏ। ଟ୍ରେନ୍‌ଟିକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଲାଗି ୪୦ମିନିଟ୍ ସମୟ ଲାଗିଥାଏ। ସିଏଚ୍‌ଟିରୁ ଏର୍ନାକୁଲମ ଜଙ୍କଶନ୍ ମଧ୍ୟରେ ଚାଲୁଥିବା ଏହି ଡେମୁ(DEMU) ଟ୍ରେନ୍‌କୁ ଦେଶର ସବୁଠାରୁ ଛୋଟ ଟ୍ରେନ୍ କୁହାଯାଏ। ଉକ୍ତ ଟ୍ରେନ୍‌ରେ ମାତ୍ର ୩୦୦ଯାତ୍ରୀ ବସିବାର ସୁବିଧା ରହିଛି। ଏହି କ୍ଷୁଦ୍ରତମ ଟ୍ରେନ୍‌ଟି ବର୍ତ୍ତମାନ ମଧ୍ୟ ଲୋକଙ୍କ ସେବାରେ କାର୍ଯ୍ୟରତ। ଟ୍ରେନଟି ଉପରୋକ୍ତ ଦୁଇଷ୍ଟେଶନ ମଧ୍ୟରେ ଦିନକୁ ମାତ୍ର ଦୁଇଥର ଯାତାୟାତ କରିଥାଏ।

# ରାସ୍ତାକଡ଼ ଗଛରେ ଧଳାରଙ୍ଗ ମରାଯାଏ କାହିଁକି

**ତୁ**ମେମାନେ ରାସ୍ତାରେ ଗଲାବେଳେ ଦେଖିଥିବ ଯେ କେତେକ ଗଛରେ ରଙ୍ଗ ମରାଯାଇଥାଏ। ବୃକ୍ଷର ତଳୁ ଅଧା ପର୍ଯ୍ୟନ୍ତ ଏହି ରଙ୍ଗ ମରାଯାଇଥାଏ। କେଉଁଠି ଧଳା ରଙ୍ଗ, ଆଉ କେତେକରେ ଗେରୁଆ ଏବଂ ସବୁଜ ରଙ୍ଗ ଲଗାଯାଇଥାଏ। ଏହା ପଛରେ ମଧ୍ୟ ବୈଜ୍ଞାନିକ କାରଣ ରହିଛି। ଯେଉଁ ଗଛରେ ସବୁଜ ରଙ୍ଗ ଲଗାଯାଏ ତାହାର ମୁଖ୍ୟ ଅର୍ଥ ହେଲା ସବୁଜକୁ ପ୍ରୋତ୍ସାହନ ଦେବା। ଏହା ସହିତ ଏହି ସବୁଜ ରଙ୍ଗ ମଧ୍ୟ ଆକ୍ସିଡେଣ୍ଟ କେତେକାଂଶରେ କମାଇଥାଏ। ଆଉ କେତେକ ଗଛରେ ଧଳା ରଙ୍ଗର ପଟି ମଧ୍ୟ ମରାଯାଇଥାଏ । ଏହାର କାରଣ ସଡ଼କ ସୁରକ୍ଷା ମଧ୍ୟ ହୋଇଥାଏ। ଯେଉଁଠି ଷ୍ଟ୍ରିଟ୍ ଲାଇଟ୍ ନ ଥାଏ ସେଠି ଚାଳକ ଗଛରେ ହୋଇଥିବା ହ୍ୱାଇଟ୍ ପଟିକୁ ଦେଖି ରାସ୍ତା କେଉଁ ପର୍ଯ୍ୟନ୍ତ ଅଛି ରାତିରେ ସହଜରେ ଜଣାପଡିଥାଏ। ଯେଉଁଗଛରେ ଗେରୁଆ ରଙ୍ଗ ମରାଯାଇଥାଏ ସେହି ବୃକ୍ଷର ବୟସ ଜଣାପଡିବା ସହିତ ଗଛ ପୋକ ଦାଉରୁ ମଧ୍ୟ ରକ୍ଷା ମିଳିଥାଏ।

କେତେକ ସ୍ଥାନରେ ଗଛରେ ଧଳା ରଙ୍ଗର ପଟି ଉପରେ ନମ୍ବର ଲେଖା ହୋଇଥିବାର ଦେଖିଥିବ, ଏହାର କାରଣ ଏହି ବୃକ୍ଷ ବନ ବିଭାଗ ତରଫରୁ ଲଗାଯାଇଛି। ଗଛ ଉପରେ ନମ୍ବର ଲେଖିବା ଦ୍ୱାରା ଏହି ବୃକ୍ଷର ଗଣନା କରିବା ସହଜ ହୋଇଥାଏ।


# ପାଣି ଜାହାଜର ନ ଥାଏ ବ୍ରେକ୍



ଗାଡ଼ି ଅଟକାଇବାକୁ ହେଲେ ବ୍ରେକ୍‌ର ନିହାତି ଉପଯୋଗ କରାଯାଇଥାଏ। କିନ୍ତୁ ଜାଣିଛ କି ପାଣିଜାହାଜ ବିନା ବ୍ରେକ୍‌ରେ ଚାଲେ । ହେଲେ କିପରି ? ପାଣି ମଧ୍ୟରେ ଜାହାଜ ଚାଲିବା ସମୟରେ ଅଟକିବା ପାଇଁ ଟେକ୍‌ନିକ୍‌ର ଉପଯୋଗ କରାଯାଇଥାଏ। ଏଥିପାଇଁ ଏକ ଶକ୍ତିଶାଳୀ ଲଙ୍ଗର ବ୍ୟବହୃତ ହୋଇଥାଏ। ଉକ୍ତ ଲଙ୍ଗର ଖାସ୍‌କରି ଓଜନଦାର ଧାତୁରେ ନିର୍ମିତ ହୋଇଥାଏ। ଜାହାଜର ଆକାରକୁ ଦେଖି ଲଙ୍ଗରର ଓଜନ ନିର୍ଦ୍ଧାରଣ କରାଯାଏ। ଏହାକୁ ଏକ ମୋଟା ଲୁହା ଚେନ୍‌ରେ ବନ୍ଧା ଯାଇଥାଏ। ଯଦି ଜାହାଜକୁ ଅଟକାଇବାକୁ ହୁଏ ତେବେ ଏହି ଲଙ୍ଗରକୁ ପାଣିରେ ଛାଡ଼ି ଦିଆଯାଏ, ଯାହା ସିଧା ପାଣିର ତଳେ ଯାଇ ରହିଯାଏ। ଏହାର ଓଜନ କାରଣରୁ ଜାହାଜ ଆଗକୁ ଯାଇପାରେନାହିଁ। ଏହା ବ୍ୟତୀତ ଜାହାଜର ଗତି ମନ୍ଥର କରାଇବାକୁ ହେଲେ ଏଥିରେ ରିଭର୍ସ ଗିୟର ମଧ୍ୟ ବ୍ୟବହାର ହୋଇଥାଏ।

# ବିଷ ଦାମ୍ ଲକ୍ଷେ ଟଙ୍କା

ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ପୋକଯୋକ ଦେଖିବାକୁ ମିଳିଥାନ୍ତି। ଏଥିରୁ କେତେ ଜୀବ ବିଷଧର ମଧ୍ୟ ହୋଇଥାନ୍ତି। ଏମିତି ଏକ ଜୀବ ବିଷୟରେ ଏଠାରେ ସୂଚନା ଦିଆଯାଇଛି ତାହା ହେଉଛି କଙ୍କଡା ବିଛା। ସାପ ବ୍ୟତୀତ କଙ୍କଡା ବିଛାର ମଧ୍ୟ ବିଷ ରହିଛି, ଯାହାର ବିଷ ବହୁତ ଭୟଙ୍କର। ଏମାନେ କାମୁଡିଲେ କେବେ କେବେ ସମ୍ପୃକ୍ତ ବ୍ୟକ୍ତିର ମୃତ୍ୟୁ ହେବାର ନଜିର ରହିଛି। ଏହି ଜୀବଟିର ଆକାର ପ୍ରାୟ ୨୩ ସେମିର ହୋଇଥିବା ବେଳେ ଓଜନ ହେଉଛି ପ୍ରାୟ ୫୬ଗ୍ରାମ୍ । ବିଶେଷ ଭାବରେ କଙ୍କଡା ବିଛାର ବିଷ ବହୁତ ଦାମୀ ହୋଇଥାଏ। ଯାହକି ପ୍ରାୟ ଏକ ଲକ୍ଷରୁ ଅଧିକ ଟଙ୍କା ହେବ। ଏବେ ପ୍ରଶ୍ନ ଆସେ ଯେ ଏହି ବିଛାର ବିଷ କେଉଁଠି ବ୍ୟବହାର କରାଯାଏ ? କିନ୍ତୁ ଏହି ବିଛାର ବିଷ ମେଡିକାଲ ବ୍ୟତୀତ ବିୟୁଟି ପ୍ରଡକ୍ଟ ତିଆରି କରିବାରେ ପ୍ରୟୋଗ କରାଯାଏ। ଏହାର ପ୍ରୟୋଗ ଆଣ୍ଟିବାୟୋଟିକ୍, ପେନ୍‌କିଲର ଏବଂ କସ୍‌ମେଟିକ୍‌ରେ ବ୍ୟବହୃତ ହେଉଛି। ବିବିସିର ଏକ ରିପୋର୍ଟ ଅନୁଯାୟୀ ବିଛାର ବିଷ ରକ୍ତ ବାହିକାର କୋଷିକା ନିର୍ମାଣ ବ୍ୟତୀତ ସର୍ଜରିରେ ମଧ୍ୟ ବ୍ୟବହୃତ ହୁଏ। ଅସ୍ଥି ଚିକିତ୍ସାରେ ମଧ୍ୟ ଏହି ବିଷ ବେଳେବେଳେ ବ୍ୟବହାର କରାଯାଏ।



# ଆ ଇ ନା

**ରୁଦ୍ରାଂଶ ପଣ୍ଡା**
୩ ବର୍ଷ/ ନୟାଗଡ଼





**ସମୀକ୍ଷା ରାଉତ**
୧୨ ବର୍ଷ/କଟକ